# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଜୁଲାଇ-୨୦୧୯ (କର୍କଟ ସଂକ୍ରାନ୍ତି) JULY - 2019




## ଶ୍ରୀଗୁଣ୍ଡିଚା ମହୋତ୍ସବ

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନୁଷ୍ଠିତ ଦ୍ୱାଦଶ ମହୋତ୍ସବ ମଧ୍ୟରୁ 'ରଥଯାତ୍ରା' ବା 'ଘୋଷ ଯାତ୍ରା' ସର୍ବ ପ୍ରଧାନ । ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀମନ୍ଦିରରୁ ଓହ୍ଲାଇ ଆସି ଜନ୍ମ ବେଦି 'ଜନକପୁରୀ' ବା 'ଗୁଣ୍ଡିଚା ମଣ୍ଡପ'କୁ ଭାଇ-ଭଉଣୀଙ୍କ ସହିତ ରଥାରୂଢ଼ ହୋଇ ଯାତ୍ରାକରି ଅଗଣିତ ଭକ୍ତ ସମୂହଙ୍କୁ ଦର୍ଶନ ଦେଇ କୃତାର୍ଥ କରିଥାନ୍ତି ।



ଏହି ପରିପ୍ରେକ୍ଷୀରେ ତା. ୪.୭.୧୯ ରିଖ ଗୁରୁବାର ଦିନ ଶ୍ରୀକ୍ଷେତ୍ରରେ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଦିନ ପ୍ରାତଃ କାଳରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ ହୋଇ ଗୋପାଳବଲ୍ଲଭ ଓ ସକାଳଧୂପ (ଖେଚୁଡ଼ି ଭୋଗ) ନୀତି ଅନୁଷ୍ଠିତ ହୋଇଥିଲା । ଇତ୍ୟବସରରେ ରଥ ପ୍ରତିଷ୍ଠା କାର୍ଯ୍ୟକ୍ରମ ମଧ୍ୟ ଶେଷ ହୋଇଥିଲା । ଏହାପରେ ମଙ୍ଗଳାର୍ପଣ ହୋଇ ସକାଳ ଘ.୮.୨୦ମି. ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଧାଡ଼ି ପହଣ୍ଡିରେ ସର୍ବପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ସ୍ୱ ସ୍ୱ ରଥରେ ରଥାରୂଢ଼ ହେବାପରେ ରାମକୃଷ୍ଣ ଓ ମଦନମୋହନ ରଥ ଉପରକୁ ବିଜେ କରିଥିଲେ । ଏହାପରେ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି ଓ ବେଶ କରାଯାଇଥିଲା । ତତ୍‌ପରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବ ରୂପା ଖଚିତ ତାମଜାନରେ ପଟୁଆରରେ ବିଜେକରି ରଥାରୂଢ଼ ବିଗ୍ରହମାନଙ୍କର ପାରମ୍ପରିକ 'ଛେରାପହଁରା' ନୀତି ସମ୍ପନ୍ନ କରିଥିଲେ । ପରେ ରଥରୁ ଚାରମାଳ ଫିଟାଯାଇ ଘୋଡ଼ା ଯୋଚା ଯାଇଥିଲା । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଘ. ୨.୧୦ମି. ସମୟରେ ଟଣା ଆରମ୍ଭ ହୋଇଥିଲା । ପରେ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଘ.୩.୦୦ମି. ସମୟରେ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଘ.୩.୪୦ମି. ସମୟରେ ଟଣା ଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସନ୍ଧ୍ୟା ଘ.୬.୪୦ମି. ସୁଦ୍ଧା ଗୁଣ୍ଡିଚା ମନ୍ଦିର ଠାରେ ତିନୋଟି ରଥ ଲାଗିଥିଲା । ତା. ୫.୭.୧୯ ରିଖ ଶୁକ୍ରବାର ଦିନ ସକାଳେ ରଥ ଉପରେ ଆନୁସଙ୍ଗିକ ନୀତି ସମ୍ପାଦନ ପରେ, ରଥ ଉପରେ ସଂଧ୍ୟା ଧୂପ ନୀତି ଶେଷ ହୋଇ ଶ୍ରୀବିଗ୍ରହମାନେ ସନ୍ଧ୍ୟା ୬ ଘଣ୍ଟା ସମୟରେ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଥିଲେ । ସେବକମାନେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସମ୍ମୁଖ ଭାଗରେ ନରହିବାରୁ ଆବାଳ ବୃଦ୍ଧବନିତା ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ସ୍ପଷ୍ଟଭାବରେ ଦର୍ଶନ କରିପାରି ନିଜକୁ କୃତାର୍ଥ ମନେ କରିଥିଲେ ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ସମସ୍ତ ନୀତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଦର୍ଶନ ଦିନ ପୂର୍ବ ଘୋଷଣା ମତେ ସନ୍ଧ୍ୟା ୭ ଘଣ୍ଟା ସମୟରେ ଦର୍ଶନ ବନ୍ଦ ହେବା କଥା କିନ୍ତୁ ବହୁ ଭକ୍ତ ଦର୍ଶନ କରିପାରି ନଥିବାରୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ କ୍ରମେ ନିର୍ଦ୍ଦିଷ୍ଟ ଅବଧିକୁ ୫୩ ମିନିଟ୍ ବୃଦ୍ଧି କରାଯାଇ ସଂଧ୍ୟା ଘ.୭.୫୩ମି. ଦର୍ଶନ ବନ୍ଦ କରାଯାଇଥିଲା । ବାହୁଡ଼ା ଯାତ୍ରା ଦିନ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ସକାଳ ଘ.୯.୧୦ମି. ସମୟରେ ପହଣ୍ଡି ବିଜେ ହୋଇ ଦିବା ଘ. ୧୧.୩୦ମି. ସୁଦ୍ଧା ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇଥିଲେ । ଦିବା ଘ.୧.୧୦ମି. ରେ ରଥଟଣା ଆରମ୍ଭ ହୋଇ ସଂଧ୍ୟା ଘ.୫.୩୦ମି. ସୁଦ୍ଧା ୩ ରଥ ସିଂହଦ୍ୱାର ଠାରେ ପହଞ୍ଚିଥିଲେ । ତତ୍‌ପର ଦିନ ସୁନାବେଶ ମଧ୍ୟ ନିର୍ଦ୍ଧାରିତ ସମୟରେ ସରିବା ଫଳରେ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ମହାପ୍ରଭୁଙ୍କର ସୁନାବେଶ ଦର୍ଶନ କରିଥିଲେ । ବହୁ ସଂଖ୍ୟାରେ ଦର୍ଶନାର୍ଥୀ ପୁରୀ ଅଭିମୁଖେ ଆସୁଥିବା ଖବର ପାଇ ମୁଖ୍ୟ ପ୍ରଶାସକ ଦର୍ଶନ ସମୟ ୧ ଘଣ୍ଟା ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ଅଧରପଣା ଭୋଗ ପରେ ସମସ୍ତ ହାଣ୍ଡି ରଥ ଉପରେ ଭଙ୍ଗା ଯାଇଥିଲା । ନୀଳାଦ୍ରି ବିଜେ ଦିନ ନିର୍ଦ୍ଧାରିତ ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା ।

### ଶ୍ରୀଗୁଣ୍ଡିଚା ଯାତ୍ରାର ସଫଳତା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବାର୍ତ୍ତା :

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚଳିତ ବର୍ଷର ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ତଥା ସମୟାନୁବର୍ତ୍ତିତା ସହକାରେ ଶେଷ ହୋଇଛି । ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ସମସ୍ତ ନୀତି ସମାହିତ ହୋଇ ପ୍ରାୟ ଦୁଇଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା । ଶ୍ରୀଗୁଣ୍ଡିଚା ମନ୍ଦିରକୁ ଠାକୁରମାନେ ବିଜେ କରିବା ଦିନ ରାତ୍ର ପହୁଡ଼ ମଧ୍ୟ ଅନୁଷ୍ଠିତ ହୋଇପାରିଥିଲା । ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧର ପଣା ଓ ନୀଳାଦ୍ରି ବିଜେ ନୀତିଗୁଡ଼ିକ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନୁଷ୍ଠିତ ହୋଇପାରିଥିବାରୁ ଜନସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି । ଏସବୁ କେବଳ ସେବକମାନଙ୍କର ପ୍ରତିବଦ୍ଧତା, ନିଷ୍ଠା, ଉତ୍ସର୍ଗୀକୃତ ମନୋଭାବ, ଶ୍ରୀମନ୍ଦିର ପ୍ରଶାସନ ସହ ଉତ୍ତମ ସମନ୍ୱୟ ଏବଂ ସର୍ବୋପରି ଶ୍ରୀମହାପ୍ରଭୁଙ୍କର ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇପାରିଛି ।



ଏହି ଅଭୂତପୂର୍ବ ସଫଳତା ପାଇଁ ଶ୍ରୀମନ୍ଦିରର ସମସ୍ତ ପାଳିଆ ସେବକ, ସେବକ ନିଯୋଗ, ସମସ୍ତ ପରିଚାଳନା କମିଟି ସଦସ୍ୟ, ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୋଲିସ୍ ଆଇ.ଜି. ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଇଲେକ୍‌ଟ୍ରୋନିକସ୍ ମିଡ଼ିଆର ପ୍ରତିନିଧିବୃନ୍ଦଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର ଏକ ବାର୍ତ୍ତା ମାଧ୍ୟମରେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଭବିଷ୍ୟତରେ ଏପରି ସହଯୋଗ ଅବ୍ୟାହତ ରହିବ ବୋଲି ଆଶା ପ୍ରକାଶ କରିଛନ୍ତି ।



# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀନଅରକୁ ରାଜପ୍ରସାଦ ବିଜେ :

ତା. ୩୦.୬.୧୯ ରିଖ ରବିବାର ଦିନ ଭୋଗମଣ୍ଡପ ସରିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାରା ଫିଟିଥିଲା । ପୂର୍ବ ପରମ୍ପରା ପ୍ରକାରେ ରୂପା ଥାଳିମାନ ଭଣ୍ଡାର ମେକାପ ଯୋଗାଇଥିଲେ । ଘଇଁଡ଼ା ମେକାପ ପାଟକନା ଯୋଗାଇବା ପରେ ଦଇତାପତିମାନେ ତାହାକୁ ନେଇ ଥାଳିରେ ଉକ୍ତ କନାକୁ ପକାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ ଓ ପାଟଡୋରକୁ ନେଇ ଘଣ୍ଟଛତା କାହାଳୀ ପଟୁଆରରେ ରାଜବାଟି ଅଭିମୁଖେ ଯାତ୍ରା କରି ସେଠାରେ ପଡ଼ିଥିବା ପାହାଡ଼ା ଉପରେ ବାଡ଼ ବାଡ଼ କରି ରଖିଥିଲେ ।

## ଶ୍ରୀମନ୍ଦିରରେ ହେରାପଞ୍ଚମୀ :

ତା. ୮.୦୭.୧୯ ରିଖ ସୋମବାର ଦିନ ହେରାପଞ୍ଚମୀ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟାହ୍ନ ଧୂପ ସରିଲା ପରେ ମଇଲମ ହୋଇ ଶାଢ଼ି ଖଣ୍ଡୁଆ



ଲାଗି ହୋଇ ସଂଧ୍ୟା ଆଳତି ହୋଇଥିଲା । ଏହାପରେ ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ ହୋଇ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ି ନୂଆ ଲୁଗା ଲାଗି ଏବଂ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ଅପରପକ୍ଷରେ ଶ୍ରୀମନ୍ଦିରରେ ଭଣ୍ଡାର ଘର ନିକଟରେ ମହାଲକ୍ଷ୍ମୀଙ୍କର ମାଜଣା, ବନକ ଲାଗି ନୀତି ସରିଲା ପରେ ପାଟଶାଢ଼ୀ ଓ ଅଳଙ୍କାର ଲାଗି ହୋଇ ଠାକୁରାଣୀ ବିମାନକୁ ବିଜେ କରିଥିଲେ । ଶ୍ରୀମନ୍ଦିରରୁ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚାଘର ନିକଟରେ ଥିବା ମହାପ୍ରଭୁଙ୍କ ରଥ ନିକଟରେ ବିଜେ ହୋଇଥିଲେ । ସେଠାରେ ପତିମହାପାତ୍ରଙ୍କ ଦ୍ୱାରା ପ୍ରସାଦ ଲାଗି, ବନ୍ଦାପନା ଓ ଚାମର, ଆଲଟ ଲାଗି ନୀତି ହୋଇଥିଲା । ରଥ ନିକଟରୁ ଶ୍ରୀଗୁଣ୍ଡିଚା ମନ୍ଦିର ଜଗମୋହନକୁ ଠାକୁରାଣୀ ବିଜେ ହୁଅନ୍ତେ ମହାପ୍ରଭୁଙ୍କ ବାଡ଼ରୁ ଆଜ୍ଞାମାଳ ପାଇବା ପରେ ସଂଧ୍ୟାଧୂପ ଟେରା ପଡ଼ିଯାଇଥିଲା । ଏହିଠାରୁ ମହାଲକ୍ଷ୍ମୀ ରୋଷ ହୋଇ ନାକଚଣା ଦ୍ୱାର ନିକଟରେ ବିଜେ ହୋଇଥିଲେ । ଏଠାରେ ଭିତରଛ ମହାପାତ୍ରଙ୍କ ଦ୍ୱାରା ବନ୍ଦାପନା ଓ ଦହିପଟି ମଣୋହି ନୀତି ହୋଇଥିଲା । ଏହାପରେ ରଥ ନିକଟକୁ ଯାଇ ସେଠାରୁ ହେରାଗୋହିରୀ ସାହି ଦେଇ ବାହୁଡ଼ା ବିଜେ କରିଥିଲେ । ସୂଚନାଯୋଗ୍ୟ ଯେ ହେରାପଞ୍ଚମୀ ପରଦିନ ସକାଳ ଧୂପ ସରିଲେ ରଥ ଦକ୍ଷିଣମୋଡ଼ ନିମନ୍ତେ ଆଜ୍ଞାମାଳ ଦିଆଯାଇଥାଏ ଏବଂ ସଂଧ୍ୟାଧୂପ ସରିଲେ ରାହାସ ନୀତି ଅନୁଷ୍ଠିତ ହୋଇଥାଏ ।

## ବାହୁଡ଼ା ଯାତ୍ରା :

ଚଳିତ ବର୍ଷ ଶ୍ରୀବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରା ତା. ୧୨.୦୭.୧୯ ରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା । ପୂର୍ବ ପ୍ରସ୍ତୁତି ଶେଷ ହେବା ପରେ ଏହି ଦିନ ସକାଳ ଘ.୬.୪୦ମି. ସମୟରେ ଶ୍ରୀବିଗ୍ରହମାନଙ୍କର ମଙ୍ଗଳା ଆଳତି ବଢ଼ିବା ପରେ ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ଶେଷ ହେବା ପରେ ଗୋପାଳବଲ୍ଲଭ ଓ ସକାଳଧୂପ (ଖେଚୁଡ଼ି ଭୋଗ) ସରିଥିଲା । ସକାଳ ୯ ଘଣ୍ଟା ସମୟରେ ମଙ୍ଗଳାର୍ପଣ ହୋଇ ଘ.୯.୧୦ମି. ସମୟରେ ବାହୁଡ଼ା ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଧାଡ଼ି ପହଣ୍ଡିରେ କ୍ରମାନ୍ୱୟରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ ପହଣ୍ଡି ବିଜେ ହୋଇ ଘ.୧୧.୧୫ମି. ସୁଦ୍ଧା ରଥାରୂଢ଼ ହୋଇଥିଲେ । ଏହାପରେ ରାମକୃଷ୍ଣ ଓ ମଦନମୋହନ ରଥ ଉପରକୁ ବିଜେ କଲାପରେ ବେଶ ଶେଷ ହୋଇଥିଲା ଓ ଛେରାପହଁରା ନିମନ୍ତେ ଗଜପତି ମହାରାଜା ଶ୍ରୀନଅରରୁ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ । ୩ ରଥରେ ଛେରାପହଁରା ଶେଷ କରି ଗଜପତି ମହାରାଜା ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଇତ୍ୟବସରରେ ୩ ରଥର ଚାର ଫିଟାଯାଇ ଘୋଡ଼ା ଲାଗିବା ପରେ ଦିବା ଘ.୧.୧୦ମି. ସମୟରେ ରଥଟଣା ଆରମ୍ଭ ହୋଇଥିଲା । ଶ୍ରୀବଳଭଦ୍ରଙ୍କର ତାଳଧ୍ୱଜ ରଥ ଅପରାହ୍ଣ ଘ.୩.୫୦ମି. ରେ ଏବଂ ଶ୍ରୀସୁଭଦ୍ରାଙ୍କର ଦର୍ପଦଳନ ରଥ ଘ.୪.୦୦ମି. ରେ ସିଂହଦ୍ୱାର ଠାରେ ପହଞ୍ଚିଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ନିକଟରେ ପହଞ୍ଚିବା ପରେ ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରରୁ ବିଜେ ହୋଇ ରଥ ନିକଟକୁ ଆସିବା ପରେ ଏଠାରେ ଲକ୍ଷ୍ମୀନାରାୟଣ ଭେଟ ନୀତି ହୋଇ ନନ୍ଦିଘୋଷ ରଥ ସନ୍ଧ୍ୟା ଘ.୫.୩୦ମି. ରେ ସିଂହଦ୍ୱାର ଠାରେ ଲାଗିଥିଲା ଏବଂ ରଥ ଉପରେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ରଥ ଉପରେ ସୁନାବେଶ :


ବାହୁଡ଼ା ଯାତ୍ରା ପରଦିନ ତା. ୧୩.୭.୧୯ ରିଖ ଶନିବାର ଦିନ ରଥ ଉପରେ ଶ୍ରୀବିଗ୍ରହମାନଙ୍କର ବଡ଼ ତଢ଼ାଉ ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା । ରଥ ଉପରେ ମଧ୍ୟାହ୍ନ ଧୂପ ନୀତି ହେବା ପରେ ମେକାପ ସର୍ବାଙ୍ଗ ହୋଇ ସୁନାବେଶ ସାମଗ୍ରୀମାନ ରଥ ଉପରକୁ ଅଣାଯାଇଥିଲା । ଅପରାହ୍ଣ ଘ.୪.୨୦ମି. ସମୟରେ ବେଶ ଶେଷ ହୋଇଥିଲା । ପ୍ରାୟ ୮ ଘଣ୍ଟା ବ୍ୟାପୀ ଲକ୍ଷ ଲକ୍ଷ ଦର୍ଶନାର୍ଥୀ ଭକ୍ତ ପ୍ରଭୁଙ୍କର ଏହି ମହାର୍ଘ ବେଶ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିଥିଲେ ।

## ରଥ ଉପରେ ଶ୍ରୀବିଗ୍ରହମାନଙ୍କର ଅଧରପଣା ନୀତି :

ତା. ୧୪.୭.୧୯ ରିଖ ରବିବାର ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଅଧରପଣା ପାଇଁ ପ୍ରସ୍ତୁତ ଆରମ୍ଭ ହୋଇଥିଲା । ପ୍ରଥମେ ସିଂହଦ୍ୱାରସ୍ଥ କୂପରୁ ପାଣିଆପଟ ପାଣିଆଣି ରଥ ଉପରେ ରଖିଥିଲେ । ଏହାପରେ ବଡ଼ବାଡ଼ ଅଧର ସମ୍ମୁଖରେ ଭିତରଛ, ମହାପ୍ରଭୁଙ୍କ ବାଡ଼ରେ ତଳିଛ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ତିନିଖଣ୍ଡ ନୂଆ ବସ୍ତ୍ର ଧରିଥିଲେ । ଅଧରକୁ ଛୁଉଁଥିବା ହାଣ୍ଡିମାନ ଆସି ରଖାଯିବା ପରେ ପାଳିଆ ମହାସୁଆର ଦ୍ରବ୍ୟମାନ ନେଇ ଅଧରପଣା ପ୍ରସ୍ତୁତ କରିଥିଲେ । ଏହାକୁ ରାଘବଦାସ ମଠ, ଓଡ଼ିଆମଠ ଏବଂ ଷ୍ଟେଟ ଯୋଗାଇଥିଲେ । କ୍ଷୀର, ଛେନା, ସାକର ପ୍ରଭୃତି ଦ୍ରବ୍ୟମାନଙ୍କ ଦ୍ୱାରା ଅଧରପଣା ପ୍ରସ୍ତୁତ ହୋଇଥିଲା । ତିନି ରଥର ପାଳିଆ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ଭୋଗ ସରିଲା ପରେ ଉକ୍ତ ହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା । ପରେ ପାଣିପଡ଼ି ମୈଲମ ବଢ଼ି ମହାସ୍ନାନ ହୋଇଥିଲା । ମହାସ୍ନାନ ବଢ଼ିଲା ପରେ ମୈଲମ, ବେଶ ହୋଇ ସନ୍ଧ୍ୟାଆଳତି ବଢ଼ି ଅନ୍ୟାନ୍ୟ ନୀତିମାନ ସମାପନ ହୋଇଥିଲା ।

## ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରି ବିଜେ :

ତା ୧୫.୦୭.୧୯ ରିଖ ସୋମବାର ଦିନ ନୀଳାଦ୍ରି ବିଜେ ଅବସରରେ ଦୈନନ୍ଦିନ ନୀତି ପରି ମଙ୍ଗଳା ଆଳତି ଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ସମାପନ ହୋଇଥିଲା । ସନ୍ଧ୍ୟାଧୂପ ସରିଲା ପରେ ଚାରବନ୍ଧା ସମାପନ ହୋଇଥିଲା । ପରେ ମୁଦିରସ୍ତ ପୁଷ୍ପାଞ୍ଜଳୀ, ଡୋରଲାଗି କଲାପରେ କାହାଳିଆ ବିଜେ କାହାଳୀ ବଜାଇଥିଲେ । ଏହାପରେ ଘଣ୍ଟ, ମର୍ଦ୍ଦଳ ପଟୁଆର ମଧ୍ୟରେ ପ୍ରଥମେ ରାମକୃଷ୍ଣ, ମଦନମୋହନ, ମହାଜନ ସେବକମାନଙ୍କ ଦ୍ୱାରା ବାହୁଡ଼ା ବିଜେ କରିଥିଲେ । ଏହାପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଦେବୀ ଗୋଟି ପହଣ୍ଡିରେ ଯାଇ ସିଂହାସନରେ ଅଧିଷ୍ଠିତ ହୋଇସାରିଲା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଚାର ଉପରକୁ ଆସିଥିଲେ । ମହାପ୍ରଭୁ ଚାର ଉପରକୁ ଆସିଲାପରେ ରୋଷ ପରିସରରେ ଥିବା ଚାହାଣି ମଣ୍ଡପକୁ ମା' ଲକ୍ଷ୍ମୀ ଆସି ମହାପ୍ରଭୁଙ୍କୁ ଚାହାଣି



କରିବାରେ ବନ୍ଦାପନା ନୀତି ଉଭୟ ସ୍ଥାନରେ ସମାନ୍ତରାଳ ଭାବେ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପତିମାହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ନିକଟରେ ଭିତରଛ ମହାପାତ୍ର ଯଥାକ୍ରମେ- କର୍ପୂର ଆଳତି, ଅକ୍ଷତ ବନ୍ଦାପନା, ବଳିତା ଆଳତି, ଘସା ଜଳ ଲାଗି ପରେ ଓ ଲକ୍ଷ୍ମୀ ବାହୁଡ଼ିଯିବା ପରେ ମହାପ୍ରଭୁ ଚାର ତଳକୁ ଓହ୍ଲାଇଥିଲେ । ଜୟବିଜୟ ଦ୍ୱାରା ଠାରେ ପହଞ୍ଚିବା ପରେ ବଚନିକା ଅନୁଷ୍ଠିତ ହୋଇ ରସଗୋଲା ଭୋଗ ପରେ ମହାପ୍ରଭୁ ଭିତରକୁ ବିଜେ ହୁଅନ୍ତେ ବିବାହ ଗଇଁଠାଳ ଫିଟିବା ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନାରୂଢ଼ ହୋଇଥିଲେ ।



# ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ-ଯାତ୍ରା ଓ ଗଜାନନ ବେଶ

ଆଷାଢ଼ ବରଷାର ଆଦ୍ୟ ପରଶ ସମୟରେ ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣମୀ ତିଥିରେ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୁଏ । ସ୍ନାନବେଦୀରେ ମହାପ୍ରଭୁ ଗଜାନନ ବେଶରେ ଦର୍ଶନ ଦେଇ ଭକ୍ତଗଣଙ୍କୁ କୃତାର୍ଥ କରିଥାଆନ୍ତି । ମହାପ୍ରଭୁଙ୍କ ଠାରେ ଭକ୍ତ ଗଣପତି ଭଟ୍ଟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପର ଠାରୁ ଏ ନୀତି ପାଳିତ ହୋଇ ଆସୁଅଛି ।



ଏହି ପରିପ୍ରେକ୍ଷୀରେ ତା. ୧୭.୬.୧୯ ରିଖ ସୋମବାର ଦିନ ଶ୍ରୀମନ୍ଦିରର ସ୍ନାନବେଦୀରେ ସ୍ନାନଯାତ୍ରା ନୀତିମାନ ପାଳିତ ହୋଇଯାଇଛି । ସର୍ବପ୍ରଥମେ ମଙ୍ଗଳାର୍ପଣ, ଡୋରଲାଗି ଓ ପୁଷ୍ପାଞ୍ଜଳି ହେବାପରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଆରମ୍ଭ ହୋଇଥଲା । ଶ୍ରୀମନ୍ଦିର ରତ୍ନବେଦୀରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ସାତପାହାଚ ଦେଇ ସ୍ନାନବେଦୀରେ ବିଜେ କରାଯାଇଥିଲା । ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପରେ ବିଜେ କରିଥିଲେ । ଏହାପରେ ଶ୍ରୀରାମକୃଷ୍ଣ ଓ ଶ୍ରୀମଦନମୋହନ ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ । ଶ୍ରୀବିଗ୍ରହମାନେ ବିଜେ ହେବା ପରେ ସୁନାଗୋସେଇଁ ଓ ମୁଦିରସ୍ତ ଉତ୍ତର ଦ୍ୱାର ବାହାର ବେଢ଼ାସ୍ଥିତ ମା' ଶୀତଳା ମନ୍ଦିର ନିକଟସ୍ଥ 'ସୁନାକୂଅ'ରୁ ୧୦୮ ଗଡ଼ୁ ଜଳ ଆଣି ଅଧିବାସ ଘରେ ରଖିଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ୩୫ ଗଡ଼ୁ, ଶ୍ରୀବଳଭଦ୍ର ମହାପ୍ରଭୁଙ୍କୁ ୩୩ ଗଡ଼ୁ, ମା' ସୁଭଦ୍ରାଙ୍କୁ ୨୨ ଗଡ଼ୁ ଓ ଶ୍ରୀସୁଦର୍ଶନଙ୍କୁ ୧୮ ଗଡ଼ୁ ଜଳରେ ସ୍ନାନ କରାଯାଏ । ଘଟୁଆରୀ ଘରଠାରୁ ଚନ୍ଦନ, କର୍ପୂର, କେଶର ଓ ଚୁଆ ଆଣି ସେହି ଜଳରେ ମିଶାଇଥିଲେ । ଏହାପରେ ଦୈନନ୍ଦିନ ନୀତି ଭାବରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ବେଶଶେଷ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତିମାନ ଆରମ୍ଭ ହୋଇଥିଲା । ଇତ୍ୟବସରରେ ସ୍ନାନବେଦୀରେ ଶ୍ରୀମହାପ୍ରଭୁଙ୍କର 'ମହାର୍ଘ ସ୍ନାନ' ନୀତି ପାଇଁ ଜଳ ବିଜେ ନୀତି ଆରମ୍ଭ ହୋଇଥିଲା । ଗରାବଡୁ ସେବକମାନେ ଅଧିବାସ ଜଳକୁ ସ୍ନାନମଣ୍ଡପକୁ ବିଜେ କରାଇଥିଲେ । ଏହି ଜଳକୁ ପୂଜାପଣ୍ଡା ଷୋଡ଼ଶୋପଚାରରେ ପୂଜା କରିଥିଲେ । ପୂଜା ଶେଷ ହେବା ପରେ ଗରାବଡୁମାନେ ଗଡ଼ୁରେ ଥିବା ଜଳକୁ, ମେକାପ ଧରିଥିବା ରୂପା ପିଙ୍ଗଣରେ ଢ଼ାଳିବା ପରେ ପୂଜାପଣ୍ଡା ମେକାପଙ୍କ ଠାରୁ ରୂପା ପିଙ୍ଗଣରେ ଥିବା ଜଳକୁ ନେଇ ତିନି ବାଡ଼ରେ ଲାଗି କରିଥିଲେ । ସ୍ନାନବେଦୀରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ଶେଷ ହୋଇଥିଲା ।

ଶ୍ରୀବିଗ୍ରହମାନଙ୍କ ଜଳଲାଗି ପରେ ପାରମ୍ପରିକ ଭାବେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବ ଶ୍ରୀନଅରରୁ ରୂପା ଖଚିତ ତାମଜାନରେ ବିଜେକରି ସ୍ନାନବେଦୀରେ ବିରାଜମାନ କରିଥିବା ଶ୍ରୀବିଗ୍ରହମାନଙ୍କୁ ଚାମର ଓ ଆଲଟ ସେବା ସହିତ ଛେରାପହଁରା ନୀତି ସମ୍ପାଦନ କରିଥିଲେ ।

ସ୍ନାନବେଦୀରେ ଶ୍ରୀବିଗ୍ରହମାନଙ୍କ ଗଜାନନ ବେଶ : ସ୍ନାନପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ଶ୍ରୀବିଗ୍ରହମାନଙ୍କୁ ଗଜାନନ (ହାତୀ) ବେଶରେ ସଜ୍ଜିତ କରାଯାଇଥିଲା । ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ତରଫରୁ ଏହି ବେଶ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଏହି ବେଶ ଦର୍ଶନ ପାଇଁ ଭକ୍ତଗଣଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଓ ଆଗ୍ରହ ଦେଖା ଦେଇଥିଲା । ଏହି ଦିନ ଏକମାତ୍ର ଅନ୍ନଭୋଗ ସକାଳଧୂପ ଶେଷ ହେବା ପରେ, ଗଜାନନ ବେଶରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ସାହାଣମେଲା ବା ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା ।



ସର୍ବଶେଷରେ ରାତ୍ର ସମୟରେ ଶ୍ରୀବିଗ୍ରହମାନଙ୍କର ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା ଏବଂ ଶ୍ରୀବିଗ୍ରହମାନେ ଅଣସର ପିଣ୍ଡିକୁ ବିଜେ କରିଥିଲେ ।

ଚଳିତ ବର୍ଷ ସ୍ନାନମଣ୍ଡପ ତଳ ସମ୍ମୁଖ ଭାଗ ଦେଇ ଧାଡ଼ିରେ ଦର୍ଶନାର୍ଥୀମାନେ ଶ୍ରୀବିଗ୍ରହମାନଙ୍କୁ ସ୍ନାନବେଦୀରେ ଦର୍ଶନ କରିଥିଲେ । ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ପୋଲିସ୍ ଆଇ.ଜି. ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଲ୍‌ବନ୍ତ ସିଂ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡ଼ଃ. ଉମା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସେଠାରେ ଉପସ୍ଥିତ ରହି ନୀତି ସୁପରିଚାଳନା କରିଥିଲେ ।

# ଶ୍ରୀମନ୍ଦିର ପ୍ରଶାସନର ନୂତନ ୱେବ ସାଇଟ୍ ଲୋକାର୍ପିତ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅଲୌକିକ କଥା, ତତ୍ତ୍ୱ ଓ ଘଟଣାବଳୀକୁ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଇଣ୍ଟରନେଟ (ୱେବସାଇଟ୍) ମାଧ୍ୟମରେ ସମ୍ପୂର୍ଣ୍ଣ ଭାବେ ଭକ୍ତ ତଥା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ପରିପ୍ରେକ୍ଷୀରେ ତା. ୨.୭.୧୯ରିଖ ମଙ୍ଗଳବାର ପବିତ୍ର ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଅବସରରେ ସନ୍ଧ୍ୟା ଘ.୭.୧୫ମି. ସମୟରେ ଶ୍ରୀନଅର ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ କରକମଳରେ ଲୋକାର୍ପିତ ହୋଇସାରିଛି । ଏହି ୱେବସାଇଟ୍‌ର ନାମ www. shreejagannatha.in ରଖା ଯାଇଛି ।



ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ ଯେ- ଏହି ୱେବସାଇଟ୍ ମାଧ୍ୟମରେ ଶ୍ରୀମନ୍ଦିର ଭିତର ବେଢ଼ା ଦେବଦେବୀ, ବାହାର ବେଢ଼ା ଦେବଦେବୀ, ମହାପ୍ରଭୁଙ୍କ ବିଭିନ୍ନ ରୀତିନୀତି, ସେବାପୂଜା, ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ବ୍ୟବସ୍ଥା, ପରମ୍ପରା, ସଚିତ୍ର ରଥଯାତ୍ରା, ଦୈନନ୍ଦିନ ନୀତି ନିର୍ଘଣ୍ଟ, ମହାପ୍ରଭୁଙ୍କ ବିଭିନ୍ନ ବେଶ, ବଡ଼ ଦେଉଳର ବର୍ଷକର ଯାନିଯାତ୍ରାର ସୂଚନା ସହିତ ଏହି ୱେବ ସାଇଟ୍ ମାଧ୍ୟମରେ ଦାନ ସଂଗ୍ରହ, ବିବାହ, ବ୍ରତ, ଜନ୍ମଦିନ ଆଦି ଶୁଭକାର୍ଯ୍ୟର ନିମନ୍ତ୍ରଣ କାର୍ଡ଼ ପ୍ରେରଣ, ଦାନ ସଂଗ୍ରହ, ମନ୍ଦିର ପ୍ରଶାସନର ଯାତ୍ରୀଙ୍କ ରହିବା ପାଇଁ ଆବାସିକ ସୁବିଧା, ରୁମ୍ ରେଣ୍ଟ, ଅନ୍ ଲାଇନ୍ ରୁମ୍ ବୁକିଂ ଇତ୍ୟାଦି କରାଯାଇପାରିବ ।

ଏହି ୱେବସାଇଟ୍ ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ହେବା ସହିତ ବ୍ୟସ୍ତ ବହୁଳ ଭକ୍ତ ସମାଜ ଏବଂ ଜନସାଧାରଣଙ୍କୁ କମ୍ ସମୟ ମଧ୍ୟରେ ଅନେକ ଉପଯୋଗୀ ସୂଚନା ଯୋଗାଇବାରେ ସହାୟତା ପ୍ରଦାନ କରିବ । ଭବିଷ୍ୟତରେ ଏହି ୱେବ୍‌ସାଇଟ୍‌ରେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାଷାକୁ ଯୋଡ଼ାଯିବା ସହିତ ଆହୁରି ସରଳ ଓ ଅତ୍ୟାଧୁନିକ ପ୍ରଣାଳୀରେ ପ୍ରସ୍ତୁତ କରାଯିବାର ଯୋଜନା ରହିଛି ।



## ପୂର୍ବ ପ୍ରକାଶିତ ଉତ୍ତାରୁ... ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

### ଦ୍ୱାଦଶ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ : (୧୪) ଭାଦ୍ରବ କୃଷ୍ଣ ଚ଼ତୁର୍ଦ୍ଦଶୀ

ଏ ଦିନ କୃଷ୍ଣ ଜନ୍ମ ଯାତ୍ରା ପଡ଼ିଆ ହୁଏ । ସାତପୁରି ଘେନାଣ ନିମନ୍ତେ ଦ୍ୱିପ୍ରହର ଧୂପ ବଢ଼ିଲା ଉତ୍ତାରେ କୁମ୍ଭାରପଡ଼ା ଅଲାମ ଚଣ୍ଡୀ ଠାକୁରାଣୀଙ୍କ ଠାରୁ କୁମ୍ଭାର ବିଶୋଇମାନେ ବାଘମୁହାଁ ବାନ୍ଧି 'ସାତପୁରୀ ତାଡ଼' ଘେନି ଘଣ୍ଟ କାହାଳୀ ଓହ୍ଲାର ସହ ସିଂହଦ୍ୱାର ବାଟେ ବଡ଼ ଦେଉଳକୁ ଆଣନ୍ତି । ବେଢ଼ାଏ ଦେଉଳ ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହରଣଠାରେ ରଖନ୍ତି । ଏ ଉତ୍ତାରୁ ସନ୍ଧ୍ୟା ଧୂପ ସରିବା ପରେ ଜଣେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ବାଜି ଦକ୍ଷିଣକାଳୀ ଠାକୁରାଣୀ ମନ୍ଦିରଠାକୁ ଯିବେ । କାଳୀଙ୍କ ସେବକ ତାହାଙ୍କ ଠାରୁ ଆଜ୍ଞାମାଳ ଘେନି ସିଂହଦ୍ୱାରା ଦେଇ ଅଚିନ୍ତା ପହଣ୍ଡି ଦେଇ ରୋଷଦ୍ୱାର ବାହାରପାଶେ ଆଜ୍ଞାମାଳ ରୋଷଆଡ଼େ ଦେବେ । ଏ ଉତ୍ତାରେ ଅନ୍ୟାନ୍ୟ ନୀତି ବଢ଼ିବ ।



#### ୧୩ (ଝ) ଓ ୧୪- ସପ୍ତପୁରି ଅମାବାସ୍ୟା ଓ ବସ୍ତ୍ର ହରଣ

(ଭାଦ୍ରବ ଅମାବାସ୍ୟା)

ଏହି ଦିନ ଅବକାଶ ବଢ଼ିବା ଉତ୍ତାରେ ତିନି ବାଡ଼ରେ ବେଶ ହୋଇ ତଢ଼ାଉ ୬ ମୂର୍ତ୍ତି ଲାଗି ହୋଇ ଗୋପାଳ ବଲ୍ଲଭ ସରିବ । ଏ ଉତ୍ତାରେ ଭିତରେ ପାଣିପଡ଼ି ଟେରା ବନ୍ଧା ହୋଇ ସକାଳ ଧୂପସହ ସାତପୁରି ଭୋଗ ତାଟ ମଧ ରୋଷରୁ ଘଣ୍ଟ, ଛତା, କାହାଳୀ ସହ ତଳିଛ, ପ୍ରଧାନୀ ପଟୁଆରରେ ଛାମୁକୁ ଆସିବ । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପଣ୍ଡା ଷୋଡ଼ଶ ଉପଚ଼ରରେ ମଣୋହି କରାଇବେ । ଭିତରେ ଆଳତି ବଢ଼ିବା ଉତ୍ତାରେ ପଣ୍ଡା, ପତି, ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରିବେ । ପରେ ପାଣି ପଡ଼ି ଅମାବାସ୍ୟା ନାରାୟଣ ମୂର୍ତ୍ତି ଆଜ୍ଞାମାଳ ପାଇ ସାଗର ବିଜେ କରିବେ । ଏଦିନ ସନ୍ଧ୍ୟାଧୂପ ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରି ଆଜ୍ଞାମାଳ ପାଇ ଉତ୍ତରପାର୍ଶ୍ୱେ ନାଟପା ମନ୍ଦିର ଖଟ ଉପରେ ବିଜେ କରିବେ ଓ ତାହାଙ୍କ ଛାମୁରେ କାଳୀକାଦେବୀ ସାହି ଲୋକେ ବସ୍ତ୍ରହରଣ ପ୍ରସ୍ତାବ କରିବେ (ଅର୍ଥାତ୍ ବସ୍ତ୍ରହରଣ ଲୀଳା କରିବେ) । ଶୀତଳ ଭୋଗ ବନ୍ଦାପନା ପରେ ଦକ୍ଷିଣ ଘରକୁ ବିଜେ କରିବେ ।

#### (୧୩)- (ଞ) ଭାଦ୍ରବ ଶୁକ୍ଳ ପ୍ରତିପଦା

(ଦାବାଗ୍ନି)

ସନ୍ଧ୍ୟାଧୂପ ପରେ ମଦନମୋହନ ପୂର୍ବ କଥିତମତେ ନାଟପା ମନ୍ଦିର ଖଟ ଉପରେ ବିଜେ କରିବେ ଓ ଏହାଙ୍କ ଛାମୁରେ ମାଟିମଣ୍ଡପ ସାହି ଲୋକେ ଦାବାଗ୍ନି ପ୍ରସ୍ତାବ କରିବେ । (ଅର୍ଥାତ୍ ଦାବାଗ୍ନି ଲୀଳା କରିବେ) । ଶୀତଳ ଭୋଗ ବନ୍ଦାପନା ପରେ ବାହୁଡ଼ା ବିଜେ ହେବେ ।


#### (୧୩)- (ଟ) ଭାଦ୍ରବ ଶୁକ୍ଳ ଦ୍ୱିତୀୟା

(ନିକୁଞ୍ଜ ଲୀଳା)

ପ୍ରତିପଦା ପରି ସନ୍ଧ୍ୟାଧୂପ ପରେ ଠାକୁର ନାଟପା ମନ୍ଦିରରେ ବିଜେ ହେଲେ ହରଚଣ୍ଡୀ ସାହି ଲୋକେ ନିକୁଞ୍ଜ ଲୀଳା ପ୍ରସ୍ତାବ କରିବେ ।

#### (୧୩)- (ଠ) ଭାଦ୍ରବ ଶୁକ୍ଳ ତୃତୀୟା

ପୁରୁଷୋତ୍ତମ ବଲ୍ଲଭ, ଟେରାଫିଟା ଆଳତୀ (ସନ୍ଧ୍ୟା ଆଳତୀ) ବଢ଼ିଲା ଉତ୍ତାରେ ଦକ୍ଷିଣ ଘରୁ ରାମକୃଷ୍ଣ ଆଜ୍ଞାମାଳ ପାଇ ବଟତଳେ ଥିବା ପାଲିଙ୍କିରେ ବିଜେ ହୋଇ ବଡ଼ ଦେଉଳ ବେଢ଼ା ନବୁଲି ସିଂହଦ୍ୱାର ଦେଇ ଉତ୍ତର ପାର୍ଶ୍ୱେ ନକ୍ଷି ଉଦର ଆଗେ କାଠ ସିଂହାସନ ଉପରେ ପାଲିଙ୍କି ସହିତ ବିଜେକଲେ ଏହାଙ୍କ ଛାମୁରେ ବାସେଳୀ ସାହି ଲୋକେ ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ କରିବେ । ଏ ଉତ୍ତାରୁ ଶୀତଳ ଭୋଗ ବନ୍ଦାପନା ହୋଇ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିବେ । ସନ୍ଧ୍ୟା ଧୂପ ପରେ ମଦନମୋହନ ନାଟପା ଖଟ ଉପରେ ବିଜେ ହେଲେ ଅନ୍ଧ ପ୍ରସ୍ତାବ କରାଯାଏ (ଅର୍ଥାତ୍ ଅନ୍ଧ ଲୀଳା ହୁଏ) ।



## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର- ଶ୍ରୀମନ୍ଦିରରେ 'ଆବରଣ ଦେବତା' କହିଲେ କ'ଣ ବୁଝାଏ ?
ଉ - ଶ୍ରୀମନ୍ଦିରର ପାର୍ଶ୍ୱ ଦେବତା ବ୍ୟତୀତ ମନ୍ଦିରର ବିଭିନ୍ନ ସ୍ଥାନରେ ସ୍ଥାନିତ ହୋଇଥିବା ଦେବତା ଓ ଉପଦେବତା ।

୨. ପ୍ର - ଶ୍ରୀମନ୍ଦିରରେ 'ଆଭରଣ' ଶବ୍ଦର ପ୍ରାସଙ୍ଗିତା କ'ଣ କ'ଣ ?
ଉ - ଆଭରଣ ର ଅର୍ଥ ହେଲା- ଭୂଷଣ, ଅଳଙ୍କାର, ସମ୍ୟକ୍ ଭରଣ ପୋଷଣ, ବିବିଧ ଗହଣା ଅଳଙ୍କାର ବା ଆଭରଣ । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ପୂଜାପାର୍ବଣରେ ବିଗ୍ରହମାନଙ୍କ ଠାରେ ବିଭିନ୍ନ ଆଭରଣ ଲଗା ଯାଇଥାଏ ।

୩. ପ୍ର - ଶ୍ରୀମନ୍ଦିରରେ ଶ୍ରୀମହାପ୍ରଭୁଙ୍କ ନିମନ୍ତେ 'ଆଳତି'ର ପ୍ରୟୋଗ କ'ଣ ?
ଉ - ଏହାର ଅର୍ଥ- ଆରତି, ବନ୍ଦାପନା, ନିରୀଜନା, ରାଜା ବା ବରକନ୍ୟାଙ୍କ ସମ୍ମୁଖରେ ମନ୍ତ୍ରୋଚ୍ଚରଣ ପୂର୍ବକ ପ୍ରଦୀପ ସଞ୍ଚାଳନ ଓ ବନ୍ଦାପନା । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଗୋଟିଏ ଦିନରେ ମଙ୍ଗଳ ଆଳତି, ଭୋଗ ଆଳତି, ସନ୍ଧ୍ୟା ଆଳତି, ଶୟନ ଆଳତି ଓ ଉତ୍ସବାତ୍ମକ ଆଳତି କରାଯାଏ ।

୪. ପ୍ର - ଶ୍ରୀମନ୍ଦିରରେ 'ଆଳତି ବଇଠା' ର ଆବଶ୍ୟକତା କ'ଣ ?
ଉ - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଳତି କରିବା ଲାଗି ଉଦ୍ଦିଷ୍ଟ ବଇଠା, ମଙ୍ଗଳ ଆଳତି ନିମନ୍ତେ ଏହା ବ୍ୟବହୃତ ହୋଇଥାଏ । ମୁଦୁଲି ସେବକ ଏହା ଯୋଗାଇ ଦେଇଥାନ୍ତି ।

୫. ପ୍ର - ଶ୍ରୀକ୍ଷେତ୍ରରେ ବିରାଜିତା ମା' ଆଲାମଚଣ୍ଡୀଙ୍କ ଶ୍ରୀମନ୍ଦିର ସହିତ ପାରମ୍ପରିକ ସମ୍ପର୍କ କ'ଣ ?
ଉ - ଶ୍ରୀକ୍ଷେତ୍ରର ରକ୍ଷାକର୍ତ୍ତୀ 'ଅଷ୍ଟଚଣ୍ଡୀ'ଙ୍କ ମଧ୍ୟରୁ ଏ ହେଉଛନ୍ତି ଅନ୍ୟତମ । ଏହି ଠାକୁରାଣୀଙ୍କ ବିଜେସ୍ଥଳୀ କୁମ୍ଭାରପଡ଼ା ନିକଟବର୍ତ୍ତୀ ସ୍ଥାନରେ । ଶ୍ରୀମନ୍ଦିର ବାହାରେ ଥିବା ଏହି ଠାକୁରାଣୀଙ୍କ ନିକଟକୁ ସାତପୁରୀ ଅମାବାସ୍ୟା ଓ ମକର- ଏହି ଦୁଇଦିନ ଘଣ୍ଟ, ଛତା ଓ କାହାଳୀ ସହ ଯାଇ କୁମ୍ଭାର ସେବକମାନେ 'ତାଡ଼ମାନଙ୍କୁ' ଶ୍ରୀମନ୍ଦିରକୁ ଆଣନ୍ତି । ନବକଳେବର ସମୟରେ ଦାରୁ ଶଗଡ଼ି ପୁରୀ ଆସିଲେ ଆଲାମଚଣ୍ଡୀ ମନ୍ଦିର ଠାରେ ବିଶ୍ରାମ ନିଅନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

## ୧୯୧୨ ମସିହା ପୁରୀ ରଥଯାତ୍ରା

(ଭାଗ-୪୭-ସଂଖ୍ୟା ୩୦ - ତା. ୨୭ ରିଖ, ଜୁଲାଇ)

ସମାଗତ ବହୁ ଯାତ୍ରୀ ରଥ ଉପରେ ଶ୍ରୀଜୀଉଙ୍କୁ ଦର୍ଶନ କରି ପାରି ନଥିବାରୁ ସେମାନଙ୍କ ଦର୍ଶନର ସୁବିଧା ସକାଶେ ଗତ ତା୧୮ରିଖ ଗୁରୁବାର ପହଣ୍ଡି ବନ୍ଦ ରହି ଗୁଣ୍ଡିଚ୍ଚା ମନ୍ଦିରରେ ତିନି ରଥର ମିଳନ ହୋଇଥିଲା । ପରଦିନ ତା୧୯ରିଖ ଶୁକ୍ରବାର ଅପରାହ୍ଣ ଘ୪ଣ୍ଟା ଠାରେ ପହଣ୍ଡି ବିଜୟ ଆରମ୍ଭ ହୋଇ ରାତ୍ର ପ୍ରାୟ ଘ୮ଣ୍ଟା ସୁଦ୍ଧା ଠାକୁରମାନେ ଗୁଣ୍ଡିଚ୍ଚା ମନ୍ଦିର ରତ୍ନ ବେଦୀ ଅଳଂକୃତ କରିଥିଲେ । ସେ ରାତ୍ରରେ ଶ୍ରୀଜୀଉଙ୍କର କେବଳ ବଡ଼ସିଂହାର ଭୋଗ ହୋଇଥିଲା । ତା୨୦ରିଖ ଶନିବାରଠାରୁ ତା୨୩ରିଖ ମଙ୍ଗଳବାର ପର୍ଯ୍ୟନ୍ତ ଦି୪ନ ପ୍ରଭୁଙ୍କର ପୂର୍ଣ୍ଣ ଅନ୍ନଭୋଗ ହୋଇଥିଲା । ତା୨୪ରିଖ ବୁଧବାର ପ୍ରଭାତୀ ଖେଚ଼ଡ଼ୀ ଭୋଗ ପରେ ଠାକୁରମାନେ ସିଂହାସନ ଚକା ଛାଡ଼ି ଜଗମୋହନ ସ୍ତମ୍ଭରେ ବିରାଜମାନ ହୋଇଅଛନ୍ତି । ଏବର୍ଷ ସନ୍ଧ୍ୟାଦର୍ଶନ ସୋମବାର ଏବଂ କେହି ୨ ମଙ୍ଗଳବାର ପ୍ରତିପାଳନ କରିଥିଲେ ।

ତା୨୧ରିଖ ରବିବାରଠାରୁ ରଥମାନଙ୍କର ଦକ୍ଷିଣ ମୂର୍ତ୍ତି ଆରମ୍ଭ ହୋଇ ତା୨୪ରିଖ ବୁଧବାର ଶେଷ ହୋଇଅଛି ।



ଶ୍ରୀଗୁଣ୍ଡିଚ୍ଚା ଦିନ ରଥଟଣା ଦେଖି ଅଧିକାଂଶ ଯାତ୍ରୀ ରେଲ ଷ୍ଟେସନରେ ଜମା ହୋଇଥିଲେ । ରେଲ ଦିବା ରାତ୍ର ଯାତ୍ରୀ ବହିଲେ ସୁଦ୍ଧା ଅନେକ ଯାତ୍ରୀ ଦୁଇ ତିନି ଦିନ ରେଲ ଅପେକ୍ଷାରେ ଷ୍ଟେସନରେ ପଡ଼ି ରହିଥିବାରୁ କେତେକ ଯାତ୍ରୀ ଓଲାଉଠାରେ ଆକ୍ରାନ୍ତ ହୋଇଥିଲେ । ବର୍ତ୍ତମାନ ପ୍ରତିଦିନ ପ୍ରାୟ ଜ୧୫/୧୦ଣ ଯାତ୍ରୀ ଓଲାଉଠାରେ ଆକ୍ରାନ୍ତ ହୋଇ କଲେରା ହାସପିଟାଲକୁ ନୀତ ହେଉଅଛନ୍ତି । ଆଗେ ଆସିଥିବା ସମସ୍ତ ଯାତ୍ରୀ ଚ୍ଛଲି ଯାଇଅଛନ୍ତି । ମାତ୍ର ନୂଆଯାତ୍ରୀ ଆମଦାନୀ ବନ୍ଦ ହେଉନାହିଁ ।

ରଥରେ ଦଉଡ଼ି ବାନ୍ଧିବା ପ୍ରଭୃତି କାର୍ଯ୍ୟ ବାଉରିମାନେ କରନ୍ତି । ଶ୍ରୀଗୁଣ୍ଡିଚ୍ଚା ଦିନ ରଥଟଣା ସମୟେ ରଥ ତଳ ପୀଢ଼ରେ ବସିଥିବା ବାଉରିମାନଙ୍କ ମଧ୍ୟରୁ ଜଣେ ବାଉରି ଯାତ୍ରୀମାନେ ରଥ ଉପରକୁ ଫିଙ୍ଗୁଥିବା ଟଙ୍କା, ପଇସା ଗୋଟାଇବା ଲୋଭରେ ରଥ ଉପରୁ ଡେଇଁ ପଡ଼ିବା ମାତ୍ରେ ତାହା ଉପରେ ରଥଚକ ଚ୍ଛଲି ଯିବାରୁ ମରି ଯାଇଅଛି ।

ଗତ ବଡ଼ ଏକାଦଶୀ ବୁଧବାର ଦିନ ସକାଳେ ଜଣେ ଯାତ୍ରୀ ଗୁଣ୍ଡିଚ୍ଚା ମନ୍ଦିର ମଧ୍ୟରେ ମରି ପଡ଼ିଥିବାର ଦେଖାଯିବାରୁ ଶବ ବାହାରି ଶ୍ରୀଜୀଉଙ୍କର ମହାସ୍ନାନାଦି ବିଧି ଅନୁଷ୍ଠିତ ହୋଇଥିଲା । ଏଥି ସକାଶେ କେତେକ୍ଷଣ ଉଭୟ ଦ୍ୱାର ବନ୍ଦଥିଲା । ଉକ୍ତ ଯାତ୍ରୀ ସମ୍ଭବତଃ ଓଲାଉଠାରେ ମରି ଯାଇଥିଲା ।

## ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଯଶୋବନ୍ତ ଦାସ

ଶ୍ରୀଜଗନ୍ନାଥଙ୍କ ପଞ୍ଚଭୂତ ସ୍ୱରୂପ ପଞ୍ଚସଖାଙ୍କ ମଧ୍ୟରୁ ଯଶୋବନ୍ତ ଦାସ ଥିଲେ ଅନ୍ୟତମ ଅନନ୍ୟ ଭକ୍ତ ଶିରୋମଣି । ମହାନ୍ ଭକ୍ତ ଯଶୋବନ୍ତ ଅଡ଼ଙ୍ଗ ଗଡ଼ ଠାରେ ପଞ୍ଚଦଶ ଶତାବ୍ଦୀର ଶେଷ ଦଶକରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସାଧକ ଜୀବନର ଶ୍ରେଷ୍ଠ ସମୟ କଟିଥିଲା ଶ୍ରୀକ୍ଷେତ୍ରରେ । ବାର ବର୍ଷ ବୟସରୁ ଗୃହ ସଂସାର ପ୍ରତି ଉଦାସୀନ ରହି ତୀର୍ଥ ଭ୍ରମଣ ଏବଂ ଧର୍ମ ଆଚରଣ ପ୍ରତି ଆକୃଷ୍ଟ ହେଉଥିଲେ । ଏହି ସମୟରେ ବିଭିନ୍ନ



ସାଧୁସନ୍ଥଙ୍କ ସହ ସାଧନା କରି ଅଲୌକିକ କ୍ଷମତାର ଅଧିକାରୀ ହୋଇ ପାରିଥିଲେ । ବିଭିନ୍ନ ସ୍ଥାନ ଭ୍ରମଣ କରି ପୁରୀ ଆସି ଦୀକ୍ଷା ଗ୍ରହଣ କରିଥିଲେ ମଧ୍ୟ 'ଶ୍ରୀଜଗନ୍ନାଥଙ୍କୁ ହିଁ ନିଜର ପରମଗୁରୁ ବୋଲି ତାଙ୍କ ଦ୍ୱାରା ରଚିତ ଶାସ୍ତ୍ରମାନଙ୍କରେ ଉଲ୍ଲେଖ କରିଛନ୍ତି ।

ରାଜା ପ୍ରତାପରୁଦ୍ର ଦେବ ଯଶୋବନ୍ତଙ୍କ ଅଲୌକିକ ମହିମା ବିଷୟରେ ଜାଣିବା ପରେ ତାଙ୍କୁ ଦେଖା କରିବା ପାଇଁ ଡକାଇ ପଠାଇଲେ । ରାଜାଙ୍କ ସହ ଭେଟ ହେବାକୁ ଯାଇ ଯଶୋବନ୍ତ ଦାସ ନାନା ବର୍ଣ୍ଣିତ ନାନା ପ୍ରକାରର ଏକ ଫୁଲହାର ଅର୍ପଣ କଲେ । ଖରାଦିନେ ଏତେ ପ୍ରକାରର ଫୁଲ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ରାଜା ଏ ବିଷୟରେ ପ୍ରଶ୍ନ ପଚ୍ଚରିବାରୁ ସେ କହିଥିଲେ ମହାପ୍ରଭୁଙ୍କ ଦୟାରୁ ଏହା ଶୂନ୍ୟରୁ ପ୍ରାପ୍ତ ହୋଇଛନ୍ତି । ଏ କଥାରେ ଚମତ୍କୃତ ରାଜା ତାଙ୍କୁ ଅଧିକ ପରୀକ୍ଷା କରିବା ପାଇଁ ହାତ ମୁଠାରେ ମାଟି ଧରି କ'ଣ ଅଛି ବୋଲି ପ୍ରଶ୍ନ କଲେ । ଯଶୋବନ୍ତ ହାତମୁଠାରେ ସୁନା ଅଛି କହିବାରୁ ରାଜା ହାତ ମୁଠା ଖୋଲି ଦେଖିଲେ ବାସ୍ତବରେ ମାଟି ନୁହଁ ସୁନା ରହିଥିଲା । ଏହା ଦେଖି ରାଜା ତାଙ୍କ ଅଲୌକିକ ଶକ୍ତିରେ ମୁଗ୍ଧ ହୋଇ ପାରିଥିଲେ ।

ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ଯଶୋବନ୍ତଙ୍କୁ ଭକ୍ତିରେ ପ୍ରୀତ ହୋଇ ଶ୍ରୀଜଗନ୍ନାଥ ନିଜର କୁଣ୍ଡଳ ପ୍ରଦାନ କରିଥିଲେ । ତହିଁ ଆର ଦିନ ପ୍ରଭୁଙ୍କ କୁଣ୍ଡଳ ଯଶୋବନ୍ତଙ୍କ ପାଖରେ ଦେଖି ତାଙ୍କୁ ଚ୍ଚୋର ବୋଲି ସନ୍ଦେହ କରାଗଲା । କିନ୍ତୁ ପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଜଣାଇ ଥିଲେ, ନିଜ ଇଚ୍ଛାରେ ସେ ଭକ୍ତକୁ ଏ କୁଣ୍ଡଳ ପ୍ରଦାନ କରିଛନ୍ତି । ରାଜା ଏହା ଦେଖି ଯଶୋବନ୍ତଙ୍କ ପଦ ବନ୍ଦନା କରିଥିଲେ ।

ଯଶୋବନ୍ତ ଦାସଙ୍କ ଦୃଷ୍ଟିରେ ନୀଳାଚଳ ହେଉଛି ଶ୍ରୀମର୍ତ୍ତ୍ୟ ବୈକୁଣ୍ଠ । ଏହି କ୍ଷେତ୍ରରୁ ହିଁ ଗୋପ, ମଥୁରା, ବୃନ୍ଦାବନ, କାଶୀ, ଦ୍ୱାରକା ଆଦିର ସୃଷ୍ଟି । ଶ୍ରୀଜଗନ୍ନାଥ ହିଁ ପରମ ପୁରୁଷ ଅବତାରୀ ଅଟନ୍ତି । ପୁନର୍ବାର ତାଙ୍କ ଦୃଷ୍ଟିରେ ଏକମାତ୍ର ପୁରୁଷ ଶ୍ରେଷ୍ଠ ଶ୍ରୀଜଗନ୍ନାଥ ଅଟନ୍ତି । ସିଏ ହିଁ ସ୍ୱୟଂ ହରି ଅର୍ଜ୍ଜୁନ ବା ଜୀବ ପରମର ମିଶ୍ର ରୂପ ଅଟନ୍ତି । ତାଙ୍କ ଦୃଷ୍ଟିରେ ଶଙ୍ଖନାଭି ମଣ୍ଡଳ ରୂପୀ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ହିଁ ନିତ୍ୟ ରାହାସ ସ୍ଥଳୀ । ଏହି ସ୍ଥଳୀରେ ସମସ୍ତ ତୀର୍ଥ ଓ ସମସ୍ତ ଦେବତାଙ୍କ ସମାଗମ ସବୁ ସମୟରେ ରହିଥାଏ । ତେଣୁ ଏହା ପୃଥିବୀର ଶ୍ରେଷ୍ଠ ତୀର୍ଥ ସ୍ଥଳୀ ଅଟେ ।

ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଓ ମହାନ୍ ସନ୍ଥ, ମହାପ୍ରଭୁଙ୍କ ଓଢ଼ଣ ଷଷ୍ଠୀ ଦିନ ସ୍ୱଦେହ ତ୍ୟାଗ କରି ବ୍ରହ୍ମଲୀନ ହୋଇ ଯାଇଥିଲେ ।

*ସୁନୀଲ ରଥ*

*ଅବସରପ୍ରାପ୍ତ ରିଡର- ଉପର ନୂଆ ସାହି, ପୁରୀ*

# ଚିତ୍ରେ ଘୋଷଯାତ୍ରା - ୨୦୧୯



# ଫଟୋରେ ଅନ୍ୟାନ୍ୟ...



ତା. ୧୪.୦୭.୧୯ରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରପଣା ନୀତି ସମ୍ପନ୍ନ କରାଯାଉଛି




ତା. ୨୮.୦୬.୧୯ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତିର 'ସ୍ୱତନ୍ତ୍ର ସମୀକ୍ଷା ବୈଠକ'



ତା. ୧୭.୦୬.୧୯ରେ ସ୍ନାନ ପୂର୍ଣ୍ଣମୀ ଅବସରରେ ସ୍ନାନମଣ୍ଡପରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଶ୍ରୀବିଗ୍ରହମାନଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରୁଛନ୍ତି



ତା. ୪.୦୭.୧୯ ରିଖ ରଥଯାତ୍ରା ଅବସରରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଡଃ. ରାଜେନ୍ଦ୍ର ପ୍ରସାଦ ଶର୍ମ୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣୁଛନ୍ତି

# କମଳ ଭିତରେ ଭ୍ରମର ବଂଦୀ

ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ପରଂବ୍ରହ୍ମ ପରମାତ୍ମା । ଦାରୁରେ ନିର୍ମିତ ହେଲେ ମଧ୍ୟ ସେ ଦାରୁବ୍ରହ୍ମ ତାଙ୍କୁ ଜ୍ଞାନମାର୍ଗୀମାନେ 'ବ୍ରହ୍ମ' ରୂପରେ ଧ୍ୟାନ କରନ୍ତି । ଯୋଗୀମାନେ ତାଙ୍କୁ 'ନିର୍ଗୁଣ ନିରାକାର' କହି ଆପଣା ମାର୍ଗରେ ଉପାସନା କରିଥାନ୍ତି । ଭକ୍ତମାନଙ୍କ ପାଇଁ ସେ ଭଗବାନ । ଅତି ଆପଣାର ଦୀନବଂଧୁ କାଳିଆ ସାଆନ୍ତ । ଆର୍ତ୍ତ ଭକ୍ତ ପାଇଁ ସେ ଆର୍ତ୍ତତ୍ରାଣ । ଶରଣାଗତ ପାଇଁ ଶରଣ ରକ୍ଷଣ ମହାବାହୁ । ବଡ଼ିମା ଦେଖାଉଥିବା ସାଧକ ପାଇଁ ସେ ଗର୍ବ ଖର୍ବକାରୀ ।



ବହୁଦିନ ତଳେ ପୁରୀକୁ ଜଣେ ତାନ୍ତ୍ରିକ ଆସିଥିଲେ । ତାଙ୍କ ନାମ ଲକ୍ଷ୍ମୀ ଭଦ୍ର ଗିରି । ତନ୍ତ୍ର ସାଧନା ବଳରେ ସେ ନାନା ଅଲୌକିକ କରଣୀମାନ ପ୍ରଦର୍ଶନ କରାଇ ପାରୁଥିଲେ । ତାଙ୍କ ପାରଦର୍ଶିତା ଦେଖି ତତ୍କାଳୀନ ଗଜପତି ମହାରାଜା ତାଙ୍କ ପାଇଁ ମଠବାଡ଼ିର ବ୍ୟବସ୍ଥା କରିଦେଇଥିଲେ । ଥରକର କଥା । ସେ ବର୍ଷ ନବ କଳେବର ପଡ଼ିଥାଏ । ମହାପ୍ରଭୁ ଦୀର୍ଘ ୪୫ ଦିନ ଧରି 'ମହାଅଣସର'ରେ ଥାଆନ୍ତି । ଏତେଦିନ ଧରି ମହାପ୍ରଭୁଙ୍କ ଦର୍ଶନ ନ ପାଇ ଭକ୍ତମାନେ ବ୍ୟାକୁଳ ହୋଇପଡ଼ିବା ସ୍ୱାଭାବିକ । ଲକ୍ଷ୍ମୀଭଦ୍ର ଗିରି ମଧ୍ୟ ମନେ ମନେ ଭାବିଲେ ଗଜପତି ମହାରାଜାଙ୍କୁ ଅନୁରୋଧ କରି ସେ ଅଣସର ଗୃହରେ ପ୍ରବେଶ କରିବା ପାଇଁ । ଗଜପତି ମହାରାଜା ବୁଝାଇ ଦେଲେ ଅଣସର କାଳରେ ମହାପ୍ରଭୁଙ୍କ ଦର୍ଶନ ମନା । କେବଳ ଦଇତାପତି ସେବକମାନେ ନିର୍ଦ୍ଧାରିତ ଶ୍ରୀଅଙ୍ଗ ସେବା ପାଇଁ ଅଣସର ଗୃହରେ ପ୍ରବେଶ କରିପାରିବେ । ଏହା ଆବହମାନ କାଳରୁ ଚଳି ଆସୁଛି । ଏହା ସତ୍ତ୍ୱେ ମଧ୍ୟ ଲକ୍ଷ୍ମୀଭଦ୍ର ଗିରି ଗଜପତିଙ୍କ ଅନୁମତି ନେଇ ଭିତର ତାଟିଯାଏ ଗଲେ । ତାଟି ବାହାରେ ଥାଇ କ୍ଷୁଦ୍ର ଜଳାବାଟେ ଦେଖିଲେ ଗୋଟିଏ ଉଜ୍ଜ୍ୱଳ ଆଲୋକ ରେଖା । ସଙ୍ଗେ ସଙ୍ଗେ ତନ୍ତ୍ର ବଳରେ ସେ ଭ୍ରମର ରୂପ ହୋଇ ସେହି ଜଳାବାଟେ ଅଣସର ଗୃହ ମଧ୍ୟକୁ ପ୍ରବେଶ କଲେ । କିଟି କିଟି ଅନ୍ଧାର ମଧ୍ୟରେ ଯେଉଁ ଆଲୋକ ରେଖାଟି ଦେଖାଯାଉଥିଲା ତାହା ଗୋଟିଏ ସୁଗନ୍ଧିତ ପଦ୍ମଫୁଲରେ ପରିଣତ ହୋଇଗଲା । ପଦ୍ମଗନ୍ଧରେ ଆକୃଷ୍ଟ ହୋଇ ଛଦ୍ମବେଶୀ ଭ୍ରମର ପଦ୍ମର କେଶର ଉପରେ ବସିବା ମାତ୍ରକେ ପଦ୍ମଫୁଲଟି ଆପେ ଆପେ ବନ୍ଦ ହୋଇଗଲା । ଏବେ କମଳ ଭିତରେ ଭ୍ରମର ବନ୍ଦୀ । ବାହାରିବାର ଉପାୟ ଜଣାନାହିଁ । ଲକ୍ଷ୍ମୀଭଦ୍ର ଗିରି ଭାବିଲେ ଏଠାରୁ ପ୍ରାଣ ଧରି ବାହାରକୁ ଯିବା ଜମା ସଂଭବ ନୁହେଁ । ଏକମନ ଏକ ଧ୍ୟାନରେ ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାରବିନ୍ଦରେ ଧ୍ୟାନ ଲଗାଇଲେ । ଆଉ ଏପରି ଆସ୍ପର୍ଦ୍ଧା କେବେ ଦେଖାଇବି ନାହିଁ ବୋଲି କହି ମହାପ୍ରଭୁଙ୍କ ଚରଣରେ ଶରଣାଗତ ହେଲେ । ସାଧକର ଗର୍ବ ଚୂରମାର ହୋଇଗଲା । ଶରଣବତ୍ସଳ ମହାପ୍ରଭୁ ଶରଣାଗତକୁ ଦୟା କଲେ । ପଦ୍ମଫୁଲଟି ଆପେ ଆପେ ଖୋଲିଗଲା । ତା' ଭିତରୁ ଛିଟିକି ବାହାରି ଆସି ଜଳାବାଟ ଦେଇ ତାଟି ବାହାରକୁ ପଳାଇ ଆସିଲେ ଲକ୍ଷ୍ମୀଭଦ୍ର ଗିରି । ବାହାରେ ମୁହଁ ମାଡ଼ି ଅଚେତ ହୋଇ ପଡ଼ିଗଲେ । ଏ ଖବର ଯାଇ ଗଜପତି ମହାରାଜାଙ୍କ ନିକଟରେ ପହଞ୍ଚିଲା । ଗଜପତି ମହାରାଜା ବୁଝାଇ ଦେଲେ ମହାପ୍ରଭୁ ହେଉଛନ୍ତି ଶରଣ ରକ୍ଷକ । ଗର୍ବ ଗଂଜନ ବାନା ନୀଳଚକ୍ର ଉପରେ ଫର ଫର ହୋଇ ଉଡୁଛି । ପରଂବ୍ରହ୍ମ ପରମାତ୍ମାଙ୍କ ସଂପର୍କରେ ଜାଣିବା ପାଇଁ ଅଯଥା ଅନୁସନ୍ଧିତ୍ସା ଆତ୍ମଘାତୀ ହୋଇପାରେ । ତେଣୁ ସାଧକ ସାବଧାନ । କମଳ ଭିତରେ ଭ୍ରମର ବଂଦୀ ।

*ଶଂକର୍ଷଣ ମଂଗରାଜ*
● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ଼, ପୁରୀ-୧*



**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

## କର୍କଟ (ଦକ୍ଷିଣାୟନ) ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୭.୦୭.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି |
| ତା. ୨୮.୦୭.୧୯ ରିଖ ରବିବାର | ଶ୍ରୀମନ୍ଦିରରେ କାମଦା ବା ଚକ୍ରବୁଲା ଏକାଦଶୀ |
| ତା. ୦୧.୦୮.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା |
| ତା. ୦୯.୦୮.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ |
| ତା. ୧୦.୦୮.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ |
| ତା. ୧୫.୦୮.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ଓ ରାକ୍ଷୀଲାଗି |
| ତା. ୧୬.୦୮. ୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ |

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : Jagannath.or@nic.in * Web Site : www.jagannath.nic.in**
**Printed at : Rama Press, North Gate, Puri, Ph. : 222145**
ମୂଲ୍ୟ : ଦୁଇଟଙ୍କା ମାତ୍ର